# କରୋନା ସଂକ୍ରମଣରେ ସତର୍କତାକୁ ନେଇ ଜିଲ୍ଲାପାଳଙ୍କ ସମୀକ୍ଷା ।

## ପ୍ରତି ପଞ୍ଚାୟତରେ ପ୍ରତିଷ୍ଠା ହେବ କରୋନା କୋଭିଡ ହୋମ୍ ।

ଅନୁଗୋଳ,୩୦.୬ :- ସମ୍ପ୍ରତି ରାଜ୍ୟରେ କରୋନା ସ୍ଥିତି ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହାର ନିୟନ୍ତ୍ରଣ ନିମନ୍ତେ ଗତକାଲି ମାନ୍ୟବର ମୁଖ୍ୟମନ୍ତ୍ରୀ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକମାନଂକୁ କେତୋଟି ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି । ଏହାକୁ ଦୃଷ୍ଟିରେ ରଖି ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଂକ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀମାନଂକୁ ନେଇ ଏକ ସମୀକ୍ଷା ବୈଠକ ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ସମସ୍ତ କାର୍ଯ୍ୟାଳୟରେ କର୍ମଚାରୀମାନେ ମାସ୍କ ପିନ୍ଧିବା ସହ ନିଜ ନିଜ ମଧ୍ୟରେ ସାମାଜିକ ଦୂରତା ଅବଲମ୍ବନ କରିବେ । କାର୍ଯ୍ୟାଳୟ ଗୁଡିକରେ କୋଭିଡ ନିୟମାବଳୀ ସମ୍ପର୍କରେ ସମସ୍ତ କର୍ମଚାରୀମାନଂକୁ ଅବଗତ କରାଯିବ । ଜିଲ୍ଲା କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନଂକୁ ଅତି ଜରୁରୀ କାର୍ଯ୍ୟ ନଥିଲେ କାର୍ଯ୍ୟାଳୟକୁ ନ ଆସିବାକୁ ବାହାରେ ଏକ Help Desk ମାଧ୍ୟମରେ ଅବଗତ କରାଯିବ । କରୋନା ସଂକ୍ରମଣ ବ୍ୟାପିବାକୁ ଦୃଷ୍ଟିରେ ରଖି ପ୍ରତି ପଞ୍ଚାୟତରେ ଅତି କମ୍‌ରେ ୨ ରୁ ୩ଟି କରୋନା କୋଭିଡ ହୋମ ପ୍ରତିଷ୍ଠା କରାଯିବ । ସର୍ଦ୍ଦି,କାଶ ଓ ଥଣ୍ଡାରେ ପାଡିତ ବ୍ୟକ୍ତିମାନଂକୁ ଏଠାରେ ରଖାଯାଇ ସ୍ୱାବ୍ ସଂଗ୍ରହ କରାଯିବ । ଘରୋଇ ହସପିଟାଲ ଗୁଡିକରେ କରୋନା କର୍ଣ୍ଣରର କାର୍ଯ୍ୟକାରିତା ଓ କୋଭିଡ ପ୍ରୋଟୋକଲ୍ ପାଳନ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ଉପଜିଲ୍ଲାପାଳମାନଂକ ଅଧ୍ୟକ୍ଷତାରେ ଗଠିତ କମିଟି ନିୟମିତ ଏହି ଘରୋଇ ହସପିଟାଲ ଗୁଡିକୁ ପରିଦର୍ଶନରେ ଯାଇ ଯାଂଚ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । କରୋନା ଯୋଦ୍ଧାମାନଂକୁ ଉପଯୁକ୍ତ ସୁରକ୍ଷା ଯୋଗାଇ ଦେବା ଯଦ୍ୱାରା ସେମାନେ ନିରାପଦରେ ସେମାନଂକର ଦାୟିତ୍ୱ ନିର୍ବାହ କରିପାରିବେ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ସମସ୍ତ ବିଭାଗ କରୋନା କୋଭିଡ-୧୯ ରେ ସାମିଲ ହୋଇ ନିଜ ଦାୟିତ୍ୱ ନିର୍ବାହ କରିବାକୁ ଜିଲ୍ଲାପାଳ ଆହ୍ୱାନ କରିଛନ୍ତି । ବିନା ଅନୁମତିରେ କୌଣସି ସରକାରୀ କର୍ମଚାରୀ ହେଡକ୍ୱାର୍ଟର ଛାଡି ପାରିବେ ନାହିଁ । ଏହାଛଡା କୌଣସି କର୍ମଚାରୀ ଭୁବନେଶ୍ୱର ଯାଇ ପାରିବେ ନାହିଁ ବୋଲି ଜିଲ୍ଲାପାଳ ଚେତାବନି ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥିଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ମୁଖ୍ୟମାନେ ଉପସ୍ଥିତ ଥିଲେ ।